## ସମ୍ବିଧାନରେ ବର୍ଣ୍ଣିତ 'ଆମେ ସବୁ ଭାରତବାସୀ . . . .' - କିଏ ସେମାନେ ?

### ପ୍ରାକ୍‌କଥନର ଶବ୍ଦଚାତୁରି

ଆମେ ସମସ୍ତେ ଜାଣିଛେ, ଭାରତର ସମ୍ବିଧାନର ପ୍ରାକ୍-କଥନରେ କୁହାଯାଇଛି, *"ଆମେ ଭାରତବାସୀ ସତ୍ୟନିଷ୍ଠା ସହ ସଂକଳ୍ପ କରି . . . . . . ଆଜି ଛବିଶି ନଭେମ୍ବର, ୧୯୪୯ରେ ସଂବିଧାନ ପ୍ରଣୟନ ସଭାରେ ଏହି ସମ୍ବିଧାନକୁ ଅଙ୍ଗୀକାର କରିବା ସହିତ ବିଧି-ମାନ୍ୟତା ଦେଉଛୁ ଏବଂ ସ୍ୱ-ଅର୍ପିତ କରୁଛୁ"* / ଏଥିରୁ ଧାରଣା ଜନ୍ମିଛି ଯେ, ସମ୍ବିଧାନ ସଭାର ଯେଉଁ ପ୍ରତିନିଧିମାନେ ଉକ୍ତ ତାରିଖରେ ସମ୍ବିଧାନକୁ ଗ୍ରହଣ କରିବା ସପକ୍ଷରେ ସ୍ୱାକ୍ଷର ପ୍ରଦାନ କରିଥିଲେ, ସେମାନେ ସମସ୍ତେ ଜାତି, ଧର୍ମ, ଲିଙ୍ଗ ଓ ଧନୀ-ଗରିବ ନିର୍ବିଶେଷରେ ସାଧାରଣ ଭାରତୀୟମାନଙ୍କ ଦ୍ୱାରା ସିଧାସଳଖ ନିର୍ବାଚିତ ହୋଇ ସେଠାକୁ ସମ୍ବିଧାନ ପ୍ରଣୟନ ପାଇଁ ଯାଇଥିଲେ । କିନ୍ତୁ ଏହା ଐତିହାସିକ ଦୃଷ୍ଟିରୁ ସତ୍ୟ ନୁହେଁ । ୧ମତଃ ଏହି ପ୍ରତିନିଧିମାନଙ୍କ ଭିତରେ ଦଳେ ଥିଲେ ବ୍ରିଟିଶ୍ ଭାରତର ପ୍ରାଦେଶିକ ଆଇନ୍‌ସଭାଗୁଡିକର ସଭ୍ୟମାନଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି ଓ ଆଉ ଦଳେ ଥିଲେ ଗଡଜାତଗୁଡିକରୁ ରାଜା/ମହାରାଜାମାନଙ୍କର ମନୋନୀତ ପ୍ରତିନିଧି । ସୁତରାଂ ଏହା ସଂପୂର୍ଣ୍ଣ ଭାବେ ନିର୍ବାଚିତ ପ୍ରତିନିଧିମାନଙ୍କର କି ଲୋକମାନଙ୍କ ଦ୍ୱାରା ପ୍ରତ୍ୟକ୍ଷଭାବେ ନିର୍ବାଚିତ ଗୋଟିଏ ସଭା ନଥିଲା । ୨ୟତଃ, ଯେଉଁ ପ୍ରାଦେଶିକ ଆଇନ୍‌ସଭାଗୁଡିକର ସଭ୍ୟମାନେ ନିଜ ଭିତରୁ କେତେକଙ୍କୁ ସମ୍ବିଧାନସଭାକୁ ପ୍ରତିନିଧି ରୂପେ ନିର୍ବାଚନ କରିଥିଲେ, ସେମାନେ ନିଜେ ସାର୍ବଜନୀନ ଭୋଟ୍ ମାଧ୍ୟମରେ ନିର୍ବାଚିତ ହୋଇନଥିଲେ । ସେମାନଙ୍କୁ ଭୋଟ୍ ଦେଇଥିଲେ କେବଳ ଦେଶର ଏକ ସମ୍ଭ୍ରାନ୍ତ ଶ୍ରେଣୀ, ଅର୍ଥାତ୍ ଯେଉଁମାନେ ବିହିତ ପରିମାଣର ସମ୍ପତ୍ତି ଅଥବା ଶିକ୍ଷାଗତ ଯୋଗ୍ୟତା ଅଥବା ଅମଲାତନ୍ତ୍ର ବା ସେନାବହିନୀ ଅଧୀନରେ କୌଣସି ପଦବୀର ଅଧିକାରୀ ଥିଲେ । ସୁତରାଂ ଧନୀ-ଗରିବ ନିର୍ବିଶେଷରେ ସାର୍ବଜନୀନ ଭୋଟ୍ ଅଧିକାର ଦ୍ୱାରା ନୁହେଁ, ତଦାନୀନ୍ତନ ଜନସଂଖ୍ୟାର କେବଳ ଶତକଡା ୨୮କୁ ନେଇ ଗଠିତ ସଂଖ୍ୟାନ୍ୟୁନ, ସମ୍ଭ୍ରାନ୍ତ ଶ୍ରେଣୀ, ସେମାନଙ୍କର ଭୋଟ୍ ବଳରେ ନିର୍ବାଚିତ ହୋଇଥିବା ପ୍ରାଦେଶିକ ବିଧାୟକମାନଙ୍କ ଦ୍ୱାରା ସମ୍ବିଧାନସଭାର ସଭ୍ୟମାନେ ନିର୍ବାଚିତ ହୋଇଥିଲେ । ୬୦ ବର୍ଷ ଅତିକ୍ରାନ୍ତ ହେବା ପରେ ବି ଆମ ସମ୍ବିଧାନର ଉତ୍ପତ୍ତି ବିଷୟରେ ପ୍ରକୃତ ସତ୍ୟାସତ୍ୟର ଜିଜ୍ଞାସା କରିବା ଆଜି ସମୀଚୀନ ମନେହୁଏ ।

### କ୍ୟାବିନେଟ୍ ମିଶନ୍

ଏହା ଜଣାଶୁଣା କଥା ଯେ, ୧୯୪୨ରେ ଭାରତ ଉପରେ ଜାପାନୀ ଆକ୍ରମଣର ଆଶଙ୍କା କରି ଇଂଲଣ୍ଡ ଯଥାଶୀଘ୍ର ଯୁଦ୍ଧ ସରିବା ପରେ ଭାରତୀୟମାନଙ୍କୁ କ୍ଷମତା ହସ୍ତାନ୍ତର କରିବାର ମସୁଧା କରି ଜଣେ କ୍ୟାବିନେଟ୍ ସଭ୍ୟ ସାର୍ ଷ୍ଟାଫୋର୍ଡ କ୍ରିପ୍‌ସ (କ୍ରିପସ୍ ମିଶନ୍)ଙ୍କୁ ଭାରତର ପ୍ରମୁଖ ଦୁଇଦଳ କଂଗ୍ରେସ ଓ ମୁସ୍‌ଲିମ୍ ଲିଗ୍ ସହ କଥାବାର୍ତ୍ତା କରିବା ପାଇଁ ପଠାଇଥିଲା । କିନ୍ତୁ ଏହି ଦୁଇଦଳଙ୍କ ସହ ବିଭିନ୍ନ ପ୍ରସଙ୍ଗକୁ ନେଇ ତାଙ୍କର କଥାବାର୍ତ୍ତା ବିଫଳ ହୋଇଥିଲା । ଯୁଦ୍ଧ ପରେ ପରେ ଇଂଲଣ୍ଡର ନିର୍ବାଚନରେ ଶ୍ରମିକ ଦଳ କ୍ଷମତାସୀନ ହେବା ପରେ ଭାରତୀୟଙ୍କୁ କ୍ଷମତା ହସ୍ତାନ୍ତର କରିବା ଲକ୍ଷ୍ୟରେ ସମ୍ବିଧାନସଭା ଗଠନ ପାଇଁ ୧୯୪୬ ମସିହା ଜାନୁଆରି-ଏପ୍ରିଲ୍ ଭିତରେ ଭାରତରେ ପ୍ରାଦେଶିକ ସଭାଗୁଡିକ ପାଇଁ ନିର୍ବାଚନ କରାଇଥିଲେ । ଏହା ପରେ ଉପରୋକ୍ତ ଲକ୍ଷ୍ୟକୁ ସାକାର ରୂପ ଦେବା ପାଇଁ ୧୯୪୬ ମାର୍ଚ୍ଚରେ ଇଂଲଣ୍ଡରୁ ପହଞ୍ଚିଥିଲେ କ୍ୟାବିନେଟ୍ ମିଶନ୍ । ପ୍ରମୁଖ ଦଳମାନଙ୍କ ସହ କଥାବାର୍ତ୍ତା କରି କ୍ୟାବିନେଟ୍ ମିଶନ୍‌ଙ୍କ ଯୋଜନା ସେହି ବର୍ଷ ମେ ଓ ଜୁନ୍ ମାସରେ ଦୁଇଦଫାରେ ଘୋଷିତ ହୋଇଥିଲା, ଯାହା ଅନୁଯାୟୀ ଅଖଣ୍ଡ ଭାରତ ଏକ ପ୍ରକୃତ ଅର୍ଥରେ ଏକ ସଂଘୀୟ ରାଷ୍ଟ୍ର ହେବ, ଅର୍ଥାତ୍ କେନ୍ଦ୍ର ସରକାରଙ୍କ ହାତରେ କେବଳ ବୈଦେଶିକ ବ୍ୟାପାର, ପ୍ରତିରକ୍ଷା ଓ ଯୋଗାଯୋଗ ପାଇଁ କ୍ଷମତା ରହିବ, ଏବଂ ରାଜ୍ୟମାନଙ୍କ ହାତରେ ବାକୀ ସମସ୍ତ କ୍ଷମତା ସହିତ ପରିଶିଷ୍ଟ କ୍ଷମତା (ରେସିଡୁଆଲ୍ ପାଓ୍ୱାର୍) ନ୍ୟସ୍ତ ରହିବ । ଏହାଛଡା କଂଗ୍ରେସ ଓ ମୁସ୍‌ଲିମ୍ ଲିଗ୍‌କୁ ନେଇ ଭାଇସ୍‌ରାୟଙ୍କ ଅଧୀନରେ ସେପ୍ଟେମ୍ବରରୁ ନଭେମ୍ବର ୧୯୪୬ରେ କେନ୍ଦ୍ରୀୟ ସ୍ତରରେ ଏକ ମିଳିତ ମନ୍ତ୍ରୀମଣ୍ଡଳ ମଧ୍ୟ କାର୍ଯ୍ୟ କଲା । କିନ୍ତୁ ଏହି ଦୁଇଦଳଙ୍କର ପ୍ରମୁଖ ନେତାଙ୍କ ଭିତରେ କ୍ଷମତା ଦ୍ୱନ୍ଦ୍ୱ ଏତେ ତୀବ୍ର ସାଂପ୍ରଦାୟିକ ସଂଘର୍ଷର ରୂପ ନେଲା ଯେ, ଯେଉଁ କ୍ୟାବିନେଟ୍ ମିଶନ୍‌ର ମୂଳ ନୀତିଗୁଡିକ (ଯଥା ଅଖଣ୍ଡ ଭାରତ, ଗୋଟିଏ ସଂବିଧାନ ସଭା, ମିଳିତ ସରକାର ଓ ସଂଘୀୟ ଶାସନ ବ୍ୟବସ୍ଥା) ସେମାନେ ଗ୍ରହଣ କରିଥିଲେ, ଏବଂ ଯାହା ଭିତ୍ତିରେ ସେମାନେ ନିଜ ନିଜ ଦଳକୁ ନିର୍ବାଚନରେ ଜିତାଇଥିଲେ, ସେଗୁଡିକୁ ପୁରା ଜଳାଞ୍ଜଳି ଦେଇ ସଂପୂର୍ଣ୍ଣ ବିପରୀତ ବ୍ୟବସ୍ଥା, ଯଥା ଦୁଇଟି ରାଷ୍ଟ୍ର, ଦୁଇଟି ସଂବିଧାନ ସଭା ଏବଂ ଉଭୟ ଭୂଖଣ୍ଡରେ କେନ୍ଦ୍ରୀଭୂତ ଶାସନ ପାଇଁ ନିଜେ ରାସ୍ତା ପ୍ରସ୍ତୁତ କରିଦେଲେ । ଫଳତଃ ୯ ଡିସେମ୍ବର ୧୯୪୬ରେ ଦିଲ୍ଲୀରେ ଯେଉଁ ସମ୍ବିଧାନ ସଭାର ପ୍ରାରମ୍ଭ ଘଟିଲା, ସେଥିରେ କେବଳ ଇଣ୍ଡିଆ-ପନ୍ଥୀ ପ୍ରତିନିଧିମାନେ ରହିଲେ, ପାକିସ୍ଥାନ-ପନ୍ଥୀ ପ୍ରତିନିଧିମାନେ ଏହାକୁ ବୟକଟ୍ କରିସାରିଥିଲେ । ପାକିସ୍ଥାନ ସମ୍ବିଧାନ ସଭା ଆରମ୍ଭ ହୋଇଥିଲା ୧୧ ଅଗଷ୍ଟ ୧୯୪୭ କରାଚୀରେ ପାକିସ୍ଥାନ-ପନ୍ଥୀ ପଟିନିଧିମାନଙ୍କୁ ନେଇ ।

### ସମ୍ବିଧାନ-ସଭାର ପ୍ରତିନିଧିମାନେ

କ୍ୟାବିନେଟ୍ ମିଶନ୍‌ର ଯୋଜନା ଅନୁଯାୟୀ ମୂଳ ସମ୍ବିଧାନ ସଭାର ପ୍ରତିନିଧି ସଂଖ୍ୟା ହେବା କଥା ୩୮୯ (ପ୍ରାଦେଶିକ ବିଧାୟକମାନଙ୍କ ଦ୍ୱାରା ନିର୍ବାଚିତ ୨୮୯ , ଗଡଜାତମାନଙ୍କରୁ ମନୋନୀତ ୯୩, ଏବଂ ଚିଫ୍ କମିଶନରର୍ସ ପ୍ରଦେଶମାନଙ୍କରୁ ୪ଜଣ) । କିନ୍ତୁ ମାଉଣ୍ଟବ୍ୟାଟେନ୍ ଯୋଜନା ଅନୁଯାୟୀ ଭାରତର ବିଭାଜନ ଯୋଗୁଁ ଭାରତୀୟ ସମ୍ବିଧାନ ସଭାରେ ମୋଟ୍ ସଭ୍ୟସଂଖ୍ୟା ୨୯୯କୁ ଖସି ଆସିଲା, ବାକୀ ପ୍ରତିନିଧି ମାନେ ପାକିସ୍ଥାନ ସମ୍ବିଧାନ ସଭାରେ ଯୋଗଦେଲେ । ଏହି ୨୯୯ଜଣ ପ୍ରତିନିଧିଙ୍କ ଭିତରୁ ପ୍ରଦେଶମାନଙ୍କରୁ ନିର୍ବାଚିତ ପ୍ରତିନିଧି ଥିଲେ ୨୨୯ ଏବଂ ଗଡଜାତମାନଙ୍କରୁ ମନୋନୀତ ଥିଲେ ୭୦ ଜଣ । ୯ ଡିସେମ୍ବର ୧୯୪୬ ସମ୍ବିଧାନ ସଭାର ଉଦ୍‌ଘାଟନୀ ଦିବସରେ ଉପସ୍ଥିତ ଥିଲେ ୯ଜଣ ମହିଳାଙ୍କ ସମେତ ୨୦୭ ଜଣେ ଏବଂ ପ୍ରାୟ ୩ବର୍ଷ (ଠିକ୍ ଭାବେ କହିଲେ, ୨ବର୍ଷ ୧୧ମାସ ୧୭ଦିନ) ପରେ ୨୬ ନଭେମ୍ବର ୧୯୪୯ ଉଦ୍‌ଯାପନୀ ଦିବସରେ ସମ୍ବିଧାନରେ ସ୍ୱାକ୍ଷର କରିଥିଲେ ୨୮୪ ଜଣେ । ସ୍ୱାକ୍ଷରକାରୀ ପ୍ରତିନିଧିମାନଙ୍କ ଭିତରୁ ମଧ୍ୟ କେତେକ ବ୍ୟକ୍ତି ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ । ଜଣେ

କହିଥିଲେ, ପାଶ୍ଚାତ୍ୟ ଶକ୍ତି ଆଗରେ ଆମେ ସଂପୂର୍ଣ୍ଣ ଦାସତ୍ୱର ସହିତ ମୁଣ୍ଡ ନୁଆଁଇ ଦେଇଛୁ । ଆଉ ଜଣେ କହିଥିଲେ, ଆମେ ଚାହିଁଥିଲୁ ବୀଣା ଓ ସିତାରର ମୂର୍ଚ୍ଛନା, କିନ୍ତୁ ତା' ବଦଳରେ ପାଇଲୁ ଇଂଲିଶ୍ ବ୍ୟାଣ୍ଡ୍ ।

**ଭୋଟର୍ କିଏ ଥିଲେ ?**

ପୂର୍ବରୁ ସୂଚୀତ ହୋଇଛି, ପ୍ରତି ପ୍ରଦେଶରୁ ଗଡଜାତମାନଙ୍କର ମନୋନୀତ ପ୍ରତିନିଧିଙ୍କ ସମେତ ଆଇନ୍‌ସଭାର ସଭ୍ୟମାନଙ୍କ ଦ୍ୱାରା ନିର୍ବାଚିତ କେତେକ ସଭ୍ୟ ସମ୍ବିଧାନ ସଭାରେ ଯୋଗଦାନ କରିଥିଲେ । ଯେପରିକି ଓଡିଶାର ଗଡଜାତମାନଙ୍କରୁ ମନୋନୀତ ପ୍ରତିନିଧି ୫ଜଣଙ୍କ ସହିତ ବିଧାନସଭାରୁ ୯ଜଣ ନିର୍ବାଚିତ ପ୍ରତିନିଧି ଯାଇଥିଲେ । ବର୍ତ୍ତମାନ ପ୍ରଶ୍ନ ଉଠୁଛି, ସମ୍ବିଧାନ ସଭାର ସଭ୍ୟମାନଙ୍କୁ ନିର୍ବାଚିତ କରିଥିବା ବିଧାୟକମାନେ ନିଜେ କେଉଁମାନଙ୍କ ଭୋଟ୍ ବଳରେ ନିର୍ବାଚିତ ହୋଇଥିଲେ ? ଆଗରୁ ସୂଚୀତ ହୋଇଛି, ସେତେବେଳେ ସାର୍ବଜନୀନ ଭୋଟ୍ ଅଧିକାର ବ୍ୟବସ୍ଥା ନଥିଲା । ଇଂରେଜ ମାନଙ୍କ ପ୍ରଣୀତ *ଭାରତ ଶାସନ ଆଇନ୍ ୧୯୩୫ର ଅନୁସୂଚୀ-୬*ର ବ୍ୟବସ୍ଥା ଅନୁଯାୟୀ ପ୍ରତି ପ୍ରଦେଶରେ କେବଳ ବିନିର୍ଦ୍ଦିଷ୍ଟ ସମ୍ପତ୍ତି, ଶିକ୍ଷା ବା ସରକାରୀ ବା ସମରିକ ନିଯୁକ୍ତିର ଅଧିକାରୀ ହୋଇଥିବା ବ୍ୟକ୍ତିମାନେ ଭୋଟର୍ ହେବାର ଅଧିକାର ପାଇଥିଲେ । ଉଦାହରଣ ସ୍ୱରୂପ, ଏହି ଅନୁସୂଚୀର ଭାଗ-୧୧ରେ ଓଡିଶା ପ୍ରଦେଶରେ ଜଣେ ଭୋଟର୍‌ର ସାଧାରଣ ଯୋଗ୍ୟତା ସମ୍ବନ୍ଧରେ କୁହାଯାଇଛି ଯେ, ସେ ପୂର୍ବବର୍ଷ ଆୟକର ବା ମ୍ୟୁନିସିପାଲ୍‌ଟି ଟିକସ ବାବଦ ଅନ୍ୟୁନ ୧ଟଙ୍କା ୮ଅଣା ପଇଠ କରିଥିବେ, ନଚେତ୍ ମାଟ୍ରିକ୍ୟୁଲେସନ୍ ବା ତତ୍ତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ନଚେତ୍ ଇଂରେଜ ସାମ୍ରାଜ୍ୟର କର୍ମଚାରୀ ବା ସୈନିକ ଭାବେ କାର୍ଯ୍ୟରତ ଥିବେ ବା ଅବସର ଗ୍ରହଣ କରିଥିବେ ନଚେତ୍ ଜଣେ ମହିଳାଙ୍କ କ୍ଷେତ୍ରରେ ସେ ଯଦି କୌଣସି ରାଜ କର୍ମଚାରୀ ବା ସୈନିକଙ୍କର ବିଧବା ହୋଇଥିବେ ବା ତାଙ୍କର ସ୍ୱାମୀ ବର୍ତ୍ତମାନ ଏଭଳି ପଦବୀରେ କାର୍ଯ୍ୟରତ ଥିବେ ବା ତାଙ୍କର ସ୍ୱାମୀ ପୂର୍ବବର୍ଷ ଆୟକର ବା ମ୍ୟୁନିସିପାଲ୍‌ଟି ଟିକସ ବାବଦ ଅନ୍ୟୁନ ୩ଟଙ୍କା ପଇଠ କରିଥିବେ ବା ତାଙ୍କର ବିହିତ ଶିକ୍ଷାଗତ ଯୋଗ୍ୟତା ଥିବ । ଏହାଛଡା, ଓଡିଶାର ଜିଲ୍ଲାଗୁଡିକୁ ଭୌଗଳିକ ଭାବେ ୩ଟି ଭାଗରେ ବିଭକ୍ତ କରାଯାଇ ପ୍ରତି ଭାଗର ଭୋଟରମାନଙ୍କ ପାଇଁ ସ୍ୱତନ୍ତ୍ର ଯୋଗ୍ୟତାମାନ ବିହିତ କରାଯାଇଥିଲା । ସେହି ତିନୋଟି ଭାଗ ହେଉଛି, ଭାଗ-୧ (କଟକ, ପୁରୀ, ବାଲେଶ୍ୱର ଓ ଅନୁଗୁଳ ଜିଲ୍ଲାମାନ), ଭାଗ-୨ (ଗଞ୍ଜାମ, କୋରାପୁଟ ଓ କନ୍ଧମାଳ ଜିଲ୍ଲାମାନ), ଓ ଭାଗ-୩ (ସମ୍ବଲପୁର ଜିଲ୍ଲା) । କେବଳ ବୁଝିବା ପାଇଁ ଆମେ ଭାଗ-୨ର ଉଦାହରଣ ପ୍ରଥମେ ନେବା । ଏହା ଅଧୀନରେ ସେହି ବ୍ୟକ୍ତି ହିଁ କେବଳ ଭୋଟର୍ ହୋଇପାରିବେ, ଯେ କି କୌଣସି ଅନଗ୍ରସର ଜନଜାତିର ସଭ୍ୟ (ଅର୍ଥାତ୍ ଆଦିବାସୀ) ହୋଇନଥିବେ, ଏବଂ ସେ ଗ୍ରାମାଞ୍ଚଳରେ ରହୁଥିଲେ ବାର୍ଷିକ ୨ଟଙ୍କାର ଭୂରାଜସ୍ୱ ଦେଉଥିବେ, ନଚେତ୍ ଯଦି ସେ ଅନୁସୂଚୀତ ଜାତିର ବ୍ୟକ୍ତି ହୋଇଥିବେ ତେବେ ସେ ଗ୍ରାମସେବକ ହୋଇଥିବେ, ଏବଂ ଯଦି ସେ ମହିଳା ହୋଇଥିବେ ତେବେ ତାଙ୍କର ସ୍ୱାମୀ ବର୍ଷକୁ ଅନ୍ୟୁନ ୧୬ଟଙ୍କାର ଭୂରାଜସ୍ୱ ଦେଉଥିବେ । ସେହିପରି ଭାଗ-୧ ଜିଲ୍ଲାମାନଙ୍କ ପାଇଁ ଭୋଟର୍ ହେବାର କେତେକ ସ୍ୱତନ୍ତ୍ର ଯୋଗ୍ୟତା ବିହିତ କରାଯାଇଥିଲା; ଯଥା ସେ ସାଧାରଣ ଜାତିର ହୋଇଥିଲେ ସେ ବର୍ଷକୁ ଅନ୍ୟୁନ ନ' ଅଣା, ବା ଅନୁସୂଚୀତ ଜାତିର ହୋଇଥିଲେ ଛ' ଅଣା ଚୌକିଦାରୀ ଟିକସ ଦେଉଥିବେ । ଭାଗ-୩ ଅଧୀନସ୍ଥ ସମ୍ବଲପୁର ଜିଲ୍ଲା କ୍ଷେତ୍ରରେ ଆମେ ଦେଖୁଁ ବର୍ଷକୁ ବାର ଅଣା 'ପରିମଳ ଟିକସ' (ସେନିଟେସନ୍ ଟାକ୍ସ) ଦେବାର ସାମର୍ଥ୍ୟ ଭୋଟର୍ ହେବାର ଏକ ଅନ୍ୟତମ ଯୋଗ୍ୟତା ଥିଲା ।

**ସମ୍ବିଧାନସଭାର ଶ୍ରେଣୀଚରିତ୍ର**

ସୁତରାଂ, ଆମେ ଲକ୍ଷ୍ୟ କଲେ, ଭାରତୀୟ ସମ୍ବିଧାନ ସଭାର ମୋଟ୍ ସଭ୍ୟସଂଖ୍ୟା ଭିତରୁ ପ୍ରାୟ ଶତକଡା ୨୫ ଥିଲେ ରାଜାରାଜୁଡାଙ୍କର ମନୋନୀତ ପ୍ରତିନିଧି, ଯେଉଁମାନଙ୍କର ସାଧାରଣ ଭାରତୀୟଙ୍କର ଜୀବନ-ଜୀବିକା ବା ଆଶା-ଆକାଂକ୍ଷା ସହ କୌଣସି ଅନୁକୂଳ ସଂପର୍କ ନଥିଲା । ବାକୀ ୭୫ଭାଗ ଥିଲେ ପ୍ରାଦେଶିକ ଆଇନ୍‌ସଭାର ପ୍ରତିନିଧିମାନଙ୍କ ଦ୍ୱାରା ନିର୍ବାଚିତ, ଯେଉଁ ପ୍ରତିନିଧିମାନେ କି କେବଳ ସମ୍ପତ୍ତିବାନ୍, ଶିକ୍ଷିତ ବା ରାଜକର୍ମଚାରୀଙ୍କ ଭୋଟ୍ ବଳରେ ନିର୍ବାଚିତ ହୋଇଥିଲେ । ଆମେ ପୁଣି ଲକ୍ଷ୍ୟ କରିଛେ, ଆଦିବାସୀମାନଙ୍କର ମୋଟେ ଭୋଟ୍ ଅଧିକାର ନଥିଲା, ଏବଂ କେବଳ ସେହି ଦଳିତ ବା ଅନୁସୂଚୀତ ଜାତିର ଲୋକେ ଭୋଟ୍ ଦେଇଥିଲେ, ଯେଉଁମାନଙ୍କର ନିର୍ଦ୍ଦିଷ୍ଟ ସମ୍ପତ୍ତି ବା ଶିକ୍ଷାଗତ ଯୋଗ୍ୟତା ଥିଲା । ସେହିପରି କେବଳ ସେହି ମହିଳାମାନେ ଭୋଟ୍ ଦେଇଥିଲେ ଯେଉଁମାନଙ୍କର ସ୍ୱାମୀ ସମ୍ପତ୍ତିବାନ୍ ବା ରାଜକର୍ମଚାରୀ ହୋଇଥିବେ ବା ନିଜେ ଅପେକ୍ଷାକୃତ ଅଧିକ ସମ୍ପତ୍ତି ବା ଶିକ୍ଷାଗତ ଯୋଗ୍ୟତାର ଅଧିକାରିଣୀ ହୋଇଥିବେ । ଅବଶ୍ୟ ଏକଥା ସତ, ସମ୍ବିଧାନ-ସଭାରେ କେତେକ ଦଳିତ ଓ ଆଦିବାସୀ ସଭ୍ୟମାନେ ମଧ୍ୟ ଯୋଗଦାନ କରିଥିଲେ, ଯଥା ଏହାର ଉଦ୍‌ଘାଟନୀ ଦିବସରେ ୩୦ଜଣ ଦଳିତ ଓ ୫ଜଣ ଆଦିବାସୀ ସଭ୍ୟ ଉପସ୍ଥିତ ଥିଲେ *(ଦ୍ରଷ୍ଟବ୍ୟ- ବ୍ରଜ ପାଇକରାୟ, ଭାରତୀୟ ସମ୍ବିଧାନ ସଭାର ପ୍ରଥମ ଐତିହାସିକ ଅଧିବେଶନ, ଓଡିଶା ରିଭ୍ୟୁ, ଜାନୁଆରି ୨୦୦୭)* । କିନ୍ତୁ ଏହି ଆଦିବାସୀ ସଭ୍ୟମାନେ ସାଧାରଣ ନିର୍ବାଚନ ମଣ୍ଡଳୀରୁ ଦଳୀୟ ଟିକେଟ୍‌ରେ ନିର୍ବାଚିତ ହୋଇ ତା'ପରେ ବିଧାନସଭାରୁ ଦଳୀୟ ସଭ୍ୟମାନଙ୍କ ଭୋଟ୍ ବଳରେ ନିର୍ବାଚିତ ହୋଇ ସମ୍ବିଧାନ ସଭାକୁ ଆସିଥିଲେ । ଅନ୍ୟ ପକ୍ଷରେ ଦଳିତମାନଙ୍କ ପାଇଁ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ସଂରକ୍ଷିତ ଥିଲେ ହେଁ, କେବଳ ସେହି ଦଳିତମାନେ ଭୋଟ୍ ଦେଇଥିଲେ, ଯେଉଁମାନଙ୍କର ବିହିତ ସମ୍ପତ୍ତି ବା ଶିକ୍ଷାଗତ ଯୋଗ୍ୟତା ଥିବ । ସୁତରାଂ ମୋଟ୍ ଉପରେ କହିଲେ, ୨୬ ନଭେମ୍ବର ୧୯୪୯ରେ ସ୍ୱାକ୍ଷରିତ ହୋଇ ୨୬ ଜାନୁଆରି ୧୯୫୦ରେ ଘୋଷିତ ହୋଇଥିବା ସମ୍ବିଧାନ ହେଉଛି ତଦାନୀନ୍ତନ ଜନସଂଖ୍ୟାର ଶତକଡା ମାତ୍ର ୨୮କୁ ନେଇ ଏକ ସଂଖ୍ୟାନ୍ୟୂନ, ସମ୍ଭ୍ରାନ୍ତ ଶ୍ରେଣୀର ପ୍ରତିନିଧିମାନଙ୍କ ପ୍ରଣୀତ ଏକ ସୁବିସ୍ତୃତ ଓ ସୁପରିକଳ୍ପିତ ଦଲିଲ୍ । କେବଳ ସେତିକି ନୁହେଁ, ଯେଉଁ ଔପନିବେଶିକ ଭାରତ ଶାସନ ଆଇନ୍ ୧୯୩୫ ଅନୁଯାୟୀ ସମ୍ବିଧାନ-ସଭା ପାଇଁ ନିର୍ବାଚନ ହୋଇଥିଲା, ସେହି ଆଇନ୍‌ର ଉଭୟ ଭାଷା ଓ ଭାବର ବହୁଳାଂଶକୁ ବହନ କରିଚାଲିଛି ଏହି ସମ୍ବିଧାନ । ତେଣୁ ଏହାର ପ୍ରାକ୍‌କଥନରେ 'ଆମେ ଭାରତବାସୀ. . .' ବୋଲି ଯେଉଁ ପରିଭାଷା ବ୍ୟବହାର କରାଯାଇଛି, ତାହା ଐତିହାସିକ ଦୃଷ୍ଟିରୁ ଏକ ଅପଳାପ ମାତ୍ର । ଭାରତୀୟ ସମ୍ବିଧାନର ଜଣେ ବିଶିଷ୍ଟ ସହାନୁଭୂତିଶୀଳ ସମୀକ୍ଷକ ଗ୍ରାନ୍‌ଭିଲ୍ ଅଷ୍ଟିନ୍ ତାଙ୍କର ଜଣାଶୁଣା ପୁସ୍ତକ *'ଭାରତୀୟ ସମ୍ବିଧାନ- ଗୋଟିଏ ରାଷ୍ଟ୍ରର ମୂଳସ୍ତମ୍ଭ'*ରେ ସ୍ୱୀକାର କରିଛନ୍ତି ଯେ, ସମ୍ବିଧାନ ସଭା କେବଳ ଯେ ପରୋକ୍ଷ ଭାବେ ନିର୍ବାଚିତ ହୋଇଥିଲା, ତାହା ନୁହେଁ, ଏହା ସାଧାରଣ ଭାରତୀୟମାନଙ୍କ ପାଖରେ ମଧ୍ୟ ଉତ୍ତରଦାୟୀ ନଥିଲା ।

Chitta Behera, 4A Jubilee Tower, Choudhury Bazar, Cuttack-9, Mobile: 9437577546, Dt. 26th Jan 2010